# ତହସିଲଦାରଙ୍କ କାର୍ଯ୍ୟାଳୟ:ରରୁଆଁ:ମୟୂରଭଞ୍ଜ

## ସର୍ବସାଧାରଣ ଇସ୍ତାହାର (De-Reservation No.01/2024)

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମିରେ **ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ, ଓଡିଶା ସରକାରଙ୍କ ବସୁନ୍ଧରା ଯୋଜନାରେ ଗୃହ ବିହୀନ ପରିବାରଙ୍କୁ ଘରବାରୀ ଜମି ଯୋଗାଇଦେବା ର ପ୍ରସ୍ତାବ ରହିଅଛି** । ଯେହେତୁ ଉକ୍ତ ଜମି ସରକାରୀ **ରକ୍ଷିତ** ଖାତାରେ ଏବଂ କିସମ **ଗୋଚର** ଅଛି, ଏଣୁ ଏହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର **ପନ୍ଦର (୧୫)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

| ମୌଜା ଓ ଥାନା ନଂ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବଶ୍ୟକ ପରିବର୍ତ୍ତନ |
|---|---|---|---|---|---|
| ରାଇକଳା 28 | 153 (ରକ୍ଷିତ ) | 626 | ଗୋଚର | 0.38 | ଖାତା-**ଆବାଦ ଯୋଗ୍ୟ ଅନାବାଦୀ** କିସମ-**ପତିତ** |

ଏହାର ଏକ କିତା ନକଲ ରାଇକଳା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଚ୍ଚ ଧ୍ୱନି ବିସ୍ତାରକ ଯନ୍ତ୍ର ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକ କିତା ନକଲ ସରପଞ୍ଚ ନୁଆଁଗା ଗ୍ରାମପଞ୍ଚାୟତ , ରାଜସ୍ୱ ନିରିକ୍ଷକ ନୁଆଁଗା ତାଙ୍କ ନୋଟିସ ବୋର୍ଡରେ ବିଜ୍ଞାପିତ କରିବାକୁ ପଠାଗଲା । ସେମାନଙ୍କର ମତାମତ ଯଦି ଥାଏ ତେବେ ନିର୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ ।

ଏହାର ଏକ କିତା ନକଲ ରରୁଆଁ ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

20.11.2024

**ତହସିଲଦାର ରରୁଆଁ**

**ପରିପତ୍ର ସଂଖ୍ୟା** 2428 //ତା 20.11.2024

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

20.11.2024

**ତହସିଲଦାର ରରୁଆଁ**